ବନ୍ୟା, କୃଷି ପାଣିପାଗ ଉପଦେଷ୍ଟା ସେବା ଯୋଜନାରେ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ, ଭାରତୀୟ କୃଷି ଗବେଷଣା ପରିଷଦ, ଭାରତୀୟ ପ୍ରଯୁକ୍ତି ବିଦ୍ୟା (ଆଇ.ଆଇ.ଟି)ରେ ସ୍ଥାପିତ କୃଷି ପାଣିପାଗ କ୍ଷେତ୍ରୀୟ ୟୁନିଟରେ ୧୨୭ଟି କୃଷି ପାଣିପାଗ ସ୍ୱୟଂ ଚାଳିତ ପାଣିପାଗ କେନ୍ଦ୍ର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି ।

### ଉପଦେଶର ସଂପ୍ରସାରଣ

କୃଷକଙ୍କ କ୍ଷେତ୍ରରେ ଉପଦେଶର ସଂପ୍ରସାରଣ କରିବା ପାଇଁ ବିଭିନ୍ନ କୃଷକ ସଚେତନତା କାର୍ଯ୍ୟକ୍ରମ, କୃଷକ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି । ପ୍ରତ୍ୟେକ କୃଷି ବିଜ୍ଞାନ କେନ୍ଦ୍ର, ରାଜ୍ୟ କୃଷି ବିଭାଗ, ରାଜ୍ୟ କୃଷି ବିଶ୍ୱ ବିଦ୍ୟାଳୟ ଓ ଭାରତୀୟ କୃଷି ଗବେଷଣା ପରିଷଦ ମିଳିତଭାବେ କାର୍ଯ୍ୟରତ ।

### କୃଷି ପାଣିପାଗ ସେବା ସମ୍ବନ୍ଧୀୟ ସଚେତନତା ଓ ପ୍ରତ୍ୟାଗମନ ମତାମତ

କୃଷି ପାଣିପାଗ ଉପଦେଶ ସେବାର ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ଏ.ଏସ୍.ଏଫ୍.ୟୁ ଓ ବିଶେଷଜ୍ଞମାନେ ନିୟମିତ ଭାବେ କୃଷକ ମାନଙ୍କ ସହିତ ପ୍ରତ୍ୟକ୍ଷ ପାରସ୍ପରିକ ସମ୍ପର୍କ ସ୍ଥାପନା କରିଛନ୍ତି । ଏହା ସହ କୃଷକଙ୍କ ସହିତ ବାହ୍ୟିକ ସଂପର୍କ ସ୍ଥାପନା ସହିତ ସେମାନଙ୍କଠାରୁ ପ୍ରତ୍ୟାଗମନ ବାର୍ତ୍ତା (ଫିଡ୍‌ବ୍ୟାକ୍) ସଂଗ୍ରହ ପାଇଁ ଧ୍ୟାନ ଦେବା ସହିତ କୃଷକ ମେଳା ସମବେତ କୃଷକ ସମ୍ମିଳନୀରେ ନିୟମିତ ଭାବେ ଅଂଶଗ୍ରହଣ କରୁଛନ୍ତି । କୃଷକ ମାନଙ୍କ ମଧ୍ୟରେ ଜଳବାୟୁ ସୂଚନା, କୃଷି ପାଣିପାଗ ଉପଦେଶ ସେବା ସମ୍ବନ୍ଧୀୟ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ରାଜ୍ୟରେ କୃଷି ପାଣିପାଗ କ୍ଷେତ୍ରୀୟ ୟୁନିଟ୍ ଏବଂ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ କୃଷି ପାଣିପାଗ ୟୁନିଟ୍ ଏବଂ ଭ୍ରାମ୍ୟମାଣ ଆଲୋଚନା ଚକ୍ର ଆୟୋଜନ କରୁଛନ୍ତି ।

ଚାଷୀ ଭାଇଭଉଣୀମାନେ ଗ୍ରମୀଣ କୃଷି ମୌସମ ସେବା ଯୋଜନା ସହିତ ସଂଶ୍ଳିଷ୍ଟ ହୋଇ ଚରମ ପାଣିପାଗ ଜନିତ କ୍ଷୟକ୍ଷତିରୁ ବଞ୍ଚିବା ସହିତ ଲାଭବାନ୍ ହୁଅନ୍ତୁ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :**
**ଭାରତୀୟ ପାଣିପାଗ ବିଭାଗ, ଭୂବିଜ୍ଞାନ ମନ୍ତ୍ରାଳୟ, ଭାରତ ସରକାର**
http://www.imd.gov.in or http://www.imdagrimet.gov.in/


**କୃଷି ବିଜ୍ଞାନ କେନ୍ଦ୍ର ସଂପ୍ରସାରଣ ଇସ୍ତାହାର: ୦୩ (ମାର୍ଚ୍ଚ ୨୦୧୯)**
**ସଂପାଦନା: ଦେବାଶିଷ ଜେନା**
**ସହଯୋଗିତା: ବିଭୁତି ଭୂଷଣ ପଲାଇ ଓ ଅରବିନ୍ଦ ବିଶୋଇ**
**ପ୍ରକାଶକ: ଭାରପ୍ରାପ୍ତ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର କଟକ**
**ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ**
E-mail: kvkcuttack@gmail.com ; Website : www.kvkcuttackzpdvii.org


# ଗ୍ରାମୀଣ କୃଷି ମୌସମ ସେବା


**ଦେବାଶିଷ ଜେନା, ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ, ତୁଷାର ରଞ୍ଜନ ସାହୁ ଓ ରଞ୍ଜନ କୁମାର ମହାନ୍ତ**


ଭାରତୀୟ କୃଷି ବହୁ ଶତାବ୍ଦୀ ଧରି ପାଣିପାଗ ବିଶେଷତଃ ଅନିୟମିତ ମୌସୁମୀ ଉପରେ ଏକାନ୍ତ ଭାବେ ନିର୍ଭରଶୀଳ ହୋଇ ଆସିଛି । ପାଣିପାଗ ଓ ଜଳବାୟୁର ଅନିଶ୍ଚିତତା ଦେଶର ଖାଦ୍ୟ ସୁରକ୍ଷା ପାଇଁ ଏକ ଶଙ୍କାକୁଳ ପରିସ୍ଥିତି ସୃଷ୍ଟି କରୁଛି । ଅତ୍ୟଧିକ ବୃଷ୍ଟିପାତ, ବାତ୍ୟା, ମରୁଡ଼ି, ଗ୍ରୀଷ୍ମ ପ୍ରବାହ, ହିମଶିଶିର, କୁହୁଡ଼ି ଓ କୁଆପଥର ବର୍ଷା ଭଳି ଚରମ ପାଣିପାଗ ପରିସ୍ଥିତି ପ୍ରତି ବର୍ଷ ଫସଲ ଉତ୍ପାଦନରେ ଯଥେଷ୍ଟ କ୍ଷତି ଘଟାଇ ଥାଏ । ପାଣିପାଗ ସମ୍ବନ୍ଧୀୟ କୃଷି ପରାମର୍ଶ ସେବା କୃଷକ ମାନଙ୍କୁ ପ୍ରତିକୂଳ ପାଣିପାଗରେ ପ୍ରଭାବକୁ ହ୍ରାସ କରିବା ସହିତ କୃଷି ଉତ୍ପାଦନ ହାର ବୃଦ୍ଧିରେ ସହାୟକ ହୋଇପାରିବ ।

### କୃଷି ପାଣିପାଗ ସେବା

୧୯୩୨ ମସିହାରେ ଭାରତ ପାଣିପାଗ ବିଭାଗ (ଆଇ.ଏମ.ଡି.) ଅଧିନରେ ଦେଶର କୃଷକ ମାନଙ୍କୁ ପ୍ରତ୍ୟକ୍ଷ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ପୁନେଠାରେ 'କୃଷି ପାଣିପାଗ' ନାମକ ଏକ ନୂତନ ବିଭାଗ ସ୍ଥାପିତ ହୋଇଥିଲା । ଫସଲରେ ପ୍ରତିକୂଳ ପାଣିପାଗର ପ୍ରଭାବ ହ୍ରାସ କରି କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ଅନୁକୂଳ ପାଣିପାଗର ଉପଯୋଗ କରିବା ଏହାର ଉଦ୍ଦେଶ୍ୟ ଥିଲା ।

### ସମନ୍ୱିତ କୃଷି ପାଣିପାଗ ଉପଦେଷ୍ଟା ସେବା (ଏ.ଏ.ଏସ୍)

ଉପଯୁକ୍ତ ସମୟରେ କୃଷକଙ୍କ ଆବଶ୍ୟକତା ପରିପୂରଣ ଓ ଆଧୁନିକ କୃଷି ପାଣିପାଗ ଉପଦେଷ୍ଟା ସେବା ଯୋଗାଇ ଦେବା ପାଇଁ ଭାରତୀୟ କୃଷି ଗବେଷଣା ପରିଷଦ, କୃଷି ମନ୍ତ୍ରାଳୟ (କେନ୍ଦ୍ର ଓ ରାଜ୍ୟ), ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ସମ୍ପୃକ୍ତ ସଂଗଠନ ଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏପ୍ରିଲ ୨୦୦୭ ରୁ ଦେଶରେ ସମନ୍ୱିତ କୃଷି ପାଣିପାଗ ଉପଦେଷ୍ଟା ସେବା ଆରମ୍ଭ କରାଯାଇଅଛି ।

### କୃଷି ପାଣିପାଗ ସେବା ବିବରଣୀର ପ୍ରକାର ଭେଦ

ତିନୋଟି ସ୍ତରରୁ କୃଷି ପାଣିପାଗ ସେବା ବିବରଣୀ ପ୍ରକାଶିତ ହୁଏ ।

୧. ଭାରତୀୟ ପାଣିପାଗ ବିଭାଗ ପୁନେର କୃଷି ପାଣିପାଗ ଡିଭିଜନର ଜାତୀୟ କୃଷି ପାଣିପାଗ ଉପଦେଶ ସେବା କେନ୍ଦ୍ର ।

୨. ରାଜ୍ୟସ୍ତରରେ ଆଞ୍ଚଳିକ ପାଣିପାଗ କେନ୍ଦ୍ର, କୃଷି ପାଣିପାଗ (୨୩) ରେ ଥିବା ରାଜ୍ୟ କୃଷି ପାଣିପାଗ ସେବା କେନ୍ଦ୍ର ।

୩. ଜିଲ୍ଲାସ୍ତରୀୟ କୃଷି ପାଣିପାଗ କ୍ଷେତ୍ରୀୟ ୟୁନିଟ (୧୩୦), ଜିଲ୍ଲାସ୍ତରୀୟ କୃଷି ପାଣିପାଗ ।

## କୃଷି ପାଣିପାଗ ସେବା ବୁଲେଟିନର ମୁଖ୍ୟ ବୈଶିଷ୍ଟ୍ୟ

➤ ଅତୀତ ପାଣିପାଗ ଉପରେ ଗୁରୁତ୍ୱ
➤ ପରବର୍ତ୍ତୀ ପାଞ୍ଚଦିନ ପାଇଁ ପରିମାଣଗତ ପାଣିପାଗ ପୂର୍ବାନୁମାନ
➤ କୃଷକଙ୍କ ପାଇଁ ଉପଦେଶ

## କୃଷି ପାଣିପାଗ ଉପଦେଶର ବିସ୍ତୃତ ଦିଗ

➤ ମୌସୁମୀର ଆଗମନ ଅନୁଯାୟୀ ଖରିଫ ଫସଲ ବୁଣିବା ବା ରୋଇବା
➤ ମୃତ୍ତିକାର ଅବଶିଷ୍ଟ ଜଳୀୟାଂଶ ବିନିଯୋଗ କରି ରବି ଫସଲ ବୁଣିବା
➤ ବାୟୁର ସ୍ଥିତି ଅନୁଯାୟୀ ସାର ପ୍ରୟୋଗ
➤ ବର୍ଷାର ପରିମାଣ ଦେଖି ସାର ପ୍ରୟୋଗରେ ବିଳମ୍ବ କରିବା
➤ ପାଣିପାଗଭିତ୍ତିକ ରୋଗ ଓ ପୋକର ପୂର୍ବାନୁମାନ
➤ କୀଟ ଓ ରୋଗ ନିବାରଣ ନିମନ୍ତେ ଉପଯୁକ୍ତ ସମୟରେ ପ୍ରତିଷେଧକ ମୂଳକ ପଦକ୍ଷେପ
➤ ଫସଲ ସଙ୍କଟକାଳୀନ ଅବସ୍ଥାରେ ଜଳସେଚନ କରିବା
➤ ପାଣିପାଗ ପ୍ରଭାବରେ ବିନିଯୋଗ ପୂର୍ବକ ଜଳସେଚନର ପରିମାଣ ଓ ସମୟ ନିର୍ଦ୍ଧାରଣ
➤ ଉପଯୁକ୍ତ ସମୟରେ ଫସଲ ଅମଳ ପାଇଁ ଉପଦେଶ ଦେବା

## ଜିଲ୍ଲାସ୍ତରୀୟ କୃଷି ପାଣିପାଗ ଉପଦେଷ୍ଟା ସେବା

୨୦୦୮ ମସିହା ଜୁନ୍ ୧ ରୁ ଭାରତୀୟ ପାଣିପାଗ ବିଭାଗ ଜିଲ୍ଲାସ୍ତରୀୟ ୫ ଦିନ ପର୍ଯ୍ୟନ୍ତ ପରିମାଣାତ୍ମକ ପାଣିପାଗ ପୂର୍ବାନୁମାନ ସୂଚନା ପ୍ରଦାନ ଆରମ୍ଭ କରିଛି । ଏହା ପାଣିପାଗର ୩ଟି ପରିମାପକ ଯଥା - ବୃଷ୍ଟିପାତ (ସର୍ବାଧିକ ଓ ସର୍ବନିମ୍ନ), ତାପମାତ୍ରା, ପବନର ବେଗ ଓ ଦିଗ, ଆପେକ୍ଷିକ ଆର୍ଦ୍ରତା ଓ ମେଘୁଆ ପରିସ୍ଥିତି ଇତ୍ୟାଦିର ପାରିମାଣାତ୍ମକ ପୂର୍ବନୁମାନ ସମ୍ବନ୍ଧରେ ଅବଗତି କରିଥାଏ । ବର୍ତ୍ତମାନ ଜିଲ୍ଲାସ୍ତରୀୟ ପ୍ରତ୍ୟେକ କୃଷି ବିଜ୍ଞାନ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭ ହେବାକୁ ଯାଉଛି ଯାହାଦ୍ୱାରା ଜିଲ୍ଲାର ପ୍ରତ୍ୟେକ କୃଷକ କୃଷି ପାଣିପାଗ ସମ୍ବନ୍ଧୀୟ ଉପଦେଷ୍ଟା ସେବା ପାଇ ପାରିବେ । ଜିଲ୍ଲାସ୍ତରୀୟ ପାଣିପାଗ କେନ୍ଦ୍ରର ସମସ୍ତ ତଥ୍ୟ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଓ ବିଭିନ୍ନ




ରାଜ୍ୟରେ ଥିବା ଆଇ.ଏମ୍.ଡି.ର ପାଣିପାଗ କେନ୍ଦ୍ରକୁ ମଧ ପ୍ରସାରିତ କରିଦିଆଯିବ । ଜିଲ୍ଲା ପାଣିପାଗ କାର୍ଯ୍ୟାଳୟ ଗୁଡିକ ଏହି ତଥ୍ୟକୁ ମୂଲ୍ୟଯୁକ୍ତ କରି ୧୩୦ ଟି କୃଷି ପାଣିପାଗ କ୍ଷେତ୍ରୀୟ ୟୁନିଟ୍ (ଏ.ଏସ୍.ଏଫ୍.ୟୁ) କୁ ମଧ ଯୋଗାଇବେ । ୨୦୨୦-୩୦ ସୁଦ୍ଧା ଦେଶର ପ୍ରତ୍ୟେକ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲା କୃଷି ପାଣିପାଗ ଉପଦେଷ୍ଟା ସେବା କାର୍ଯ୍ୟକାରୀ କରାଯିବ ।

## କୃଷି ପାଣିପାଗ ଉପଦେଶ ଓ ପ୍ରସାରଣର ମାଧ୍ୟମ




୧. ଆକାଶବାଣୀ ଓ ଦୂରଦର୍ଶନ
୨. ଘରୋଇ ଟେଲିଭିଜନ ଓ ରେଡ଼ିଓ
୩. ସମ୍ବାଦପତ୍ର
୪. ଇଣ୍ଟରନେଟ୍
୫. କୃଷି ବିଜ୍ଞାନ କେନ୍ଦ୍ର
୬. ଭାରତୀୟ କୃଷି ଗବେଷଣା ପରିଷଦ ଓ ଅନ୍ୟାନ୍ୟ ସଂପୃକ୍ତ ପ୍ରତିଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, ରାଜ୍ୟର ସଂପ୍ରସାରଣ ନେଟ୍‌ୱାର୍କ ଓ କେନ୍ଦ୍ରୀୟ କୃଷି ବିଭାଗ

ଅନ୍ତିମ ବ୍ୟବହାରକାରୀଙ୍କୁ ଅବଲମ୍ବେ ଉପଦେଶ ପ୍ରଦାନ କରାଯାଏ । ଉପଦେଶ ଗୁଡ଼ିକୁ କୃଷକ ଓ ପରିଚାଳକଙ୍କ ସହିତ ବହୁବାର ପାରସ୍ପରିକ ସମନ୍ୱୟ ସ୍ଥାପନ କରାଯାଏ । ଏହାକୁ ଇଂରାଜୀ/ଓଡ଼ିଆ ଭାଷାରେ ସପ୍ତାହକୁ ୨ ଦିନ (ମଙ୍ଗଳ ଓ ଶୁକ୍ରବାର) ପ୍ରସାରଣ କରାଯାଏ ।

## ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର

ଭାରତୀୟ ପାଣିପାଗ ବିଭାଗର କେନ୍ଦ୍ରୀୟ କୃଷି ପାଣିପାଗ ପର୍ଯ୍ୟବେକ୍ଷଣଗାର, କୃଷି ପାଣିପାଗ ସମ୍ପର୍କିତ ପରିମାପ ଗୁଡିକୁ ମାପିବା ପାଇଁ ବହୁତ ଯନ୍ତ୍ରପାତିର ସହାୟତା କରାଯାଉଛି । ନିର୍ଦ୍ଧାରିତ ପାଣିପାଗ ପର୍ଯ୍ୟବେକ୍ଷଣ ସମେତ ଏହି ପରିମାପ ଗୁଡିକ ହେଉଛି ବାଷ୍ପିକରଣ, ମାଟିର ତାପମାତ୍ରା ଓ ମାଟିର ଜଳୀୟାଂଶ, ବିକିରଣରେ ପରିବର୍ତ୍ତନ କରିବା, ସ୍ଥାନୀୟ ଜଳବାୟୁ ଇତ୍ୟାଦି । ଏହି ପର୍ଯ୍ୟବେକ୍ଷଣଗାର ଗୁଡିକରେ ମଧ୍ୟ ନୂତନ ଯନ୍ତ୍ରପାତି ଓ ପ୍ରୟୋଗାତ୍ମକ କୌଶଳର ପରୀକ୍ଷଣ କରାଯାଏ । ଦେଶରେ ମୋଟ ୨୬୪ ଟି କୃଷି ପାଣିପାଗ ପର୍ଯ୍ୟବେକ୍ଷଣାଗାର ରହିଛି ଯାହାକି କୃଷି ପାଣିପାଗ ପରିମାଣ ଗୁଡିକୁ ଲିପିବଦ୍ଧ କରି ରଖନ୍ତି ଯାହାକି କୃଷକ ମାନଙ୍କୁ କୃଷି ପାଣିପାଗ ଉପଦେଶ ସେବା ପ୍ରଦାନ କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ବହୁ ସଂଗଠନ ଏହି ତଥ୍ୟକୁ ଗବେଷଣା, ଜଳସେଚନ, ମରୁଡି ଓ

